## ଆସିଲା ସିଏଫ୍ଏସ୍ଏଲ୍ ରିପୋର୍ଟ, ଏସ୍ଏଫ୍ଏଲ୍ ତଥ୍ୟ କାଏମ୍

# ‘ପୋଷାକରେ ସିମେନ୍ ଦାଗ ନାହିଁ’

**ଚିତ୍ତରଞ୍ଜନ ପଣ୍ଡା, ଭୁବନେଶ୍ୱର,୧୨ ।୩:**



କୁନ୍ଦୁଳି ନାବାଳିକା ମାମଲା

ରାଜ୍ୟବ୍ୟାପୀ ଝଡ଼ ସୃଷ୍ଟି କରିଥିବା ବହୁଚର୍ଚ୍ଚିତ କୁନ୍ଦୁଳି ନାବାଳିକା ଦୁଷ୍କର୍ମ ଓ ଆତ୍ମହତ୍ୟା ମାମଲା ଆଜି ପୁଣି ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ନେଇଛି । କୋଲକାତାସ୍ଥିତ କେନ୍ଦ୍ରୀୟ ଫରେନ୍ସିକ୍ ଲ୍ୟାବ୍‌କୁ (ସିଏଫ୍ଏସ୍ଏଲ୍) ୨ୟ ମତ ପାଇଁ ପଠାଯାଇଥିବା ପୀଡ଼ିତାଙ୍କ ଅନ୍ତଃବସ୍ତ୍ରର ଫରେନ୍ସିକ୍ ରିପୋର୍ଟ ଆସିଛି । ପୋଷାକର କୌଣସି ସ୍ଥାନରେ ସିମେନ୍ ଦାଗ ନାହିଁ । ଯେଉଁ ଦାଗ ରହିଛି ତାହା ସିମେନ୍ ନୁହେଁ, ବରଂ ପୀଡ଼ିତାଙ୍କ ଶରୀରରୁ ନିର୍ଗତ ତରଳ ପଦାର୍ଥ ବୋଲି ଏହି ରିପୋର୍ଟରୁ ସ୍ପଷ୍ଟ ହୋଇଛି । କ୍ରାଇମବ୍ରାଞ୍ଚ୍ ଏସ୍‌ପି ରାଧା ବିନୋଦ ପାଣିଗ୍ରାହୀ ଆଜି ଏହି ସୂଚନା ଦେଇଛନ୍ତି । ଅପରପକ୍ଷରେ ରାଜ୍ୟ ଫରେନ୍ସିକ୍ ଲ୍ୟାବ୍ ଦେଇଥିବା ରିପୋର୍ଟ ଶତ ପ୍ରତିଶତ ଠିକ୍ ବୋଲି ମଧ୍ୟ ଏସ୍‌ପି କହିଛନ୍ତି । ରିପୋର୍ଟ ମିଳିବା ପରେ କୁନ୍ଦୁଳି ମାମଲାରେ ଫରେନ୍ସିକ୍ ରିପୋର୍ଟକୁ ନେଇ ହୋଇଥିବା ବିବାଦ ଓ ରାଜ୍ୟବ୍ୟାପୀ ଉଠିଥିବା ଝଡ଼ ପ୍ରଶମିତ ହେବ ନା ପୁଣି ଏକ ନୂଆ ବିବାଦ ସୃଷ୍ଟି କରିବ, ତାହା ଏବେ ପ୍ରଶ୍ନବାଚୀ ହୋଇଛି ।

କୁନ୍ଦୁଳି ‘ଗଣଦୁଷ୍କର୍ମ’ ଅଭିଯୋଗ ଆସିଥିଲା ୨୦୧୭ ଅକ୍ଟୋବର୍ ୧୦ ତାରିଖ ଦିନ । ଗତ ଜାନୁଆରୀ ୧୮ରେ ପୀଡ଼ିତା ଜଣକ ଆତ୍ମହତ୍ୟା କଲେ । ଏହାପରେ ▶▶ ୭

Tue, Mar 13, 2018
http://odishanewsnitidin.com